# ଜମିଜମାର ପୁରୁଣା କବଲା ଗୁଡିକର ଦାଖଲ ଖାରଜ କରି ଜମି ପଟ୍ଟା କରିବା ନିମନ୍ତେ

## ଢେଙ୍କାନାଳ ଜିଲ୍ଲା ପ୍ରଶାସନର ସ୍ୱତନ୍ତ୍ର ଅଭିଯାନ

କେତେକ କ୍ଷେତ୍ରରେ ସରକାରଙ୍କ ନଜରକୁ ଆସିଛି ଯେ ପୂର୍ବରୁ ଖରିଦ ବିକ୍ରି ଦଲିଲ / କବଲା ହୋଇଥିଲେ ମଧ୍ୟ , ଦଲିଲଧାରୀଙ୍କ ନାମରେ ପଟ୍ଟା ହୋଇନାହିଁ । ସେ ସମସ୍ତ ଦଲିଲଧାରୀଙ୍କ ନାମରେ ଦାଖଲ ଖାରଜ କରିବା ନିମନ୍ତେ ସରକାରଙ୍କ ତରଫରୁ ବିଶେଷ ସୂଚନା ଜାରି କରାଯାଇଛି । ଜମି ଖରିଦ ସକ୍ରାନ୍ତରେ ରେଜିଷ୍ଟ୍ରି ଦଲିଲ ଥାଇ ଦାଖଲ ତା-19/12/2018 ଠାରୁ ତା-05/01/2019 ରିଖ ମଧ୍ୟରେ ଦଲିଲଧାରୀମାନେ ସମ୍ପୃକ୍ତ ତହସିଲ ଅଫିସରେ ନିର୍ଦ୍ଧାରିତ ଫର୍ମରେ ନିଜର ସମ୍ପୂର୍ଣ ଠିକଣା ଓ ମୋବାଇଲ ନମ୍ବର ସହ ରେଜିଷ୍ଟ୍ରି ଦଲିଲର ଏକକିତା ନକଲ ଦେଇ ଦାଖଲ ଖାରଜ ମାମଲା ରୁଜୁ କରିପାରିବେ ।

ଅଦ୍ୟାବଧି ଯେଉଁମାନେ ଜମି କିଣୁଛନ୍ତି ସେମାନେ ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ଦ୍ୱାରା ଅନଲାଇନ ରେ ପ୍ରେରିତ ଫର୍ମ ୩ ମୁତାବକ ତହସିଲରେ ଦାଖଲ ଖାରଜ କରାଯାଉଛି । ପୂର୍ବରୁ ଯେଉଁମାନେ ଜମି କିଣିଛନ୍ତି ସେମାନେ ଦାଖଲ ଖାରଜ ନ କରିବା ଦ୍ୱାରା ଜମିର ପ୍ରକୃତ ସତ୍ତ୍ୱାଧିକାରୀ ପ୍ରଶାସନ ଜାଣି ପାରୁନାହିଁ । ଜମିର ଦାଖଲ ଖାରଜ ନ ହେବା ଦ୍ୱାରା ବିଭିନ୍ନ ସମୟରେ ଗଣ୍ଡଗୋଳ ଏବଂ ପ୍ରଶାସନିକ ଅବ୍ୟବସ୍ଥା ସୃଷ୍ଟି ହେଉଛି । ଏଥିପାଇଁ ଜିଲ୍ଲା ପ୍ରଶାସନ ଏହି ଦୃଢ ପଦକ୍ଷେପ ଗ୍ରହଣ କରିଛି ବୋଲି ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି ।

ଏହି ତାରିଖ ଉପରାନ୍ତେ ପୁରୁଣା ରେଜିଷ୍ଟ୍ରି ଦଲିଲର ଦାଖଲ ଖାରଜ ନିମନ୍ତେ କୌଣସି ମାମଲା ଗ୍ରହଣୀୟ ହେବନାହିଁ ଓ ଜମି ପଟ୍ଟା ନିମନ୍ତେ ନାମ ସଂଶୋଧନ ହୋଇ ପାରିବ ନାହିଁ ।

ଏଣୁ ସରକାରଙ୍କ ଦ୍ୱାରା ଦିଆଯାଇଥିବା ସ୍ୱଳ୍ପକାଳୀନ ମିଆଦର ଶେଷ ସୁଯୋଗ ଲାଭ କରି ପୁରୁଣା ରେଜିଷ୍ଟ୍ରି କବଲା / ଦଲିଲ ଦ୍ୱାରା ଦାଖଲ ଖାରଜ ମାମଲା ରୁଜୁ କରି ନିଜ ଜମି ପଟ୍ଟା ପ୍ରାପ୍ତ ହୁଅନ୍ତୁ ।

17/12/18
ADM, DKL

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ**

ଜ୍ଞାପକ ସଂଖ୍ୟା 1176 /ସୂ.ଲୋ.ସଂ 17-12-2018.

ଏହାର ନକଲ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଅବଗତି ନିମନ୍ତେ ପଠାଗଲା ।

ପ୍ରକାଶନ ନିମନ୍ତେ ଅନୁରୋଧ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଢେଙ୍କାନାଳ